# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କ୍ୟାମ୍ପସ ନିଯୁକ୍ତି

# ଚୟନ ପ୍ରକ୍ରିୟାରେ ସାମିଲ ହେଲେ ୪୬ ଛାତ୍ରଛାତ୍ରୀ



ବୁର୍ଲା, ୯।୧୨(ଇମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ 'ସୁଇଟ୍'ର ପ୍ଲେସମେଣ୍ଟ ସେଲ୍ ପକ୍ଷରୁ ଏକ କ୍ୟାମ୍ପସ ନିଯୁକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବେଙ୍ଗାଲୁରୁର 'ଇନ୍‌ଟୁଇଟ୍ ଇବିଏସ' କମ୍ପାନିର ଜିଏମ ଗଙ୍ଗାଧର ପଣ୍ଡା, ସୁଧାଂଶୁ ମିଶ୍ର ଓ ମାନବ ସମ୍ବଳ ବିଭାଗର ସୋନାଲି ପ୍ରିୟଦର୍ଶିନୀ ଯୋଗଦେଇ ଚୟନ କରିଥିଲେ। ଏମସିଏ, କମ୍ପ୍ୟୁଟର ବିଜ୍ଞାନ ସ୍ନାତକୋତ୍ତର ଓ ଏମବିଏ ବିଭାଗର ୪୬ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। 'ସୁଇଟ୍'ର ପ୍ଲେସମେଣ୍ଟ ମୁଖ୍ୟ ଡ. ଭି ମୁଖାର୍ଜୀ ଓ ସଂଯୋଜକ ସୁଦେଷ୍ଣା ପଟ୍ଟନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଚୟନ ପ୍ରକ୍ରିୟାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ଲେସମେଣ୍ଟ ଅଧିକାରୀ ଚିନ୍ମୟ ପୁରୋହିତ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।